# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 October – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି
- ନୂଆପଡ଼ାର ଖରିଆରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

– ଉପନିର୍ବାଚନ ପ୍ରଚାର ପାଇଁ ପ୍ରକାଶ ପାଇଲା ଭାରତୀୟ ଜନତା ପାର୍ଟିର ଷ୍ଟାର୍ ପ୍ରଚାରକ ତାଲିକା

- କଟକ ରିଜର୍ଭ ପୁଲିସ ପଡ଼ିଆରେ ଆଜିଠାରୁ ଆରମ୍ଭ ହେଲା ୭୦ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା

ଏବଂ

- ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧ କରି ଆଜି ପାଳନ କରାଯାଉଛି ବିଶ୍ୱ ଖାଦ୍ୟ ଦିବସ

BBSR/R

## ମହଙ୍ଗା ଭତ୍ତା ବୃଦ୍ଧି

ରାଜ୍ୟ ସରକାର’ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା  ଆଜି ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ଜୁଲାଇ ପହିଲାରୁ ପିଛିଲା ଭାବେ ଏହା ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗାଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ପେନସନ୍‌ଭୋଗୀମାନଙ୍କ ଟି.ଆଇ.ରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ଅନୁରୂପଭାବେ ଅକ୍ଟୋବର ମାସ ପେନସନ୍‌ରେ ଏହି ବର୍ଦ୍ଧିତ ଟି.ଆଇ. ପ୍ରଦାନ କରାଯିବ। ଏହାଦ୍ୱାରା ସାଢ଼େ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନ୍‌ଭୋଗୀ ଉପକୃତ ହେବେ।

Desk

## ନୂଆପଡ଼ା ନିର୍ବାଚନ

ନୂଆ ସରକାରରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆପଡ଼ା ବିଧାନସଭା ଉପନିର୍ବାଚନ ପୂର୍ବରୁ ଆଜି ଜିଲ୍ଲାର ଖରିଆର ରୋଡ୍‌ଠାରେ ଆୟୋଜିତ  ବିଜୟ ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଜିଲ୍ଲାର ବିକାଶ ପାଇଁ ସରକାର ବର୍ତ୍ତମାନ ସୁଦ୍ଧା ୧୧ ଶହ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ରାଜ୍ୟରେ ସୁଭଦ୍ରା

ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଉପକୃତ ହୋଇଥିବାବେଳେ ନୂଆପଡ଼ା ଜିଲ୍ଲାରୁ ୧ ଲକ୍ଷ ୫୫ ହଜାର ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**- V/O -**

ମୁଖ୍ୟମନ୍ତ୍ରୀ ଆଜି ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେଇ ଦଳ ସମର୍ଥିତ ପ୍ରାର୍ଥୀ ଜୟ ଢୋଲକିଆଙ୍କ ବିଜୟ ପାଇଁ ପ୍ରଚାର କରିଛନ୍ତି । ଆସନ୍ତା ୧୮ ତାରିଖ ଶନିବାର ଦିନ ଜୟ ଢୋଲକିଆ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି ।

ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ଷ୍ଟାର୍ ପ୍ରଚାରକ ତାଲିକା ପ୍ରକାଶ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସମେତ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ବିଜୟପାଲ ସିଂହ ତୋମାର, ଲତା ଉସେଣ୍ଡି, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ତାଲିକାରେ ସାମିଲ ଅଛନ୍ତି ।

HS

## ଆକାଶବାଣୀ ଭାଉଚର ବଣ୍ଟନ

ନିର୍ବାଚନ ଆୟୋଗ ପକ୍ଷରୁ ଦୂରଦର୍ଶନ ଏବଂ ଆକାଶବାଣୀରେ ମାଗଣା ପ୍ରସାରଣ ସମୟ ପାଇଁ ଜାତୀୟ ଏବଂ ରାଜ୍ୟସ୍ତରୀୟ ଦଳଗୁଡ଼ିକୁ ଡିଜିଟାଲ ଭାଉଚର ବଣ୍ଟନ କରାଯାଇଛି। ଜନପ୍ରତିନିଧିତ୍ୱ ଆଇନ୍-୧୯୫୧ର ଧାରା ୩୯ (କ) ଅନୁଯାୟୀ ଭାରତର ନିର୍ବାଚନ ଆୟୋଗ ଚଳିତ  ବିଧାନସଭା ନିର୍ବାଚନରେ ସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକୁ ପ୍ରସାରଣ ପାଇଁ ସମୟ ଆବଣ୍ଟନ କରିଛନ୍ତି। ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବାପରେ ଭୋଟ୍ ତାରିଖର ଦୁଇଦିନ ପୂର୍ବରୁ ପ୍ରସାରଣ ଅବଧି ସ୍ଥିର କରାଯିବ।  ରାଜ୍ୟ ମଧ୍ୟରେ ଆଞ୍ଚଳିକ ନେଟୱାର୍କରେ ପ୍ରତ୍ୟେକ ଦଳକୁ ସମାନ ଭାବେ ସମୟ ପ୍ରଦାନ କରିବା ପାଇଁ ଦୂରଦର୍ଶନ ଓ ଆକାଶବାଣୀରେ ୪୫ ମିନିଟ୍‌ର ମୂଳସମୟର ମାଗଣା ପ୍ରସାରଣ ସୁବିଧା ପ୍ରଦାନ କରାଯାଇଛି। ରାଜନୈତିକ ଦଳଗୁଡ଼ିକୁ ପ୍ରାସଙ୍ଗିକ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରି ରେକର୍ଡିଂ ଦାଖଲ କରିବାକୁ ପଡ଼ିବ। ଦଳୀୟ ପ୍ରସାରଣ ବ୍ୟତୀତ ପ୍ରସାର ଭାରତୀ, ଦୂରଦର୍ଶନ ଏବଂ ଆକାଶବାଣୀ ପାଇଁ ଆଲୋଚନା କିମ୍ବା ବିତର୍କର ଆୟୋଜନ କରିବ।

Desk

# ସାଇବର ସୁରକ୍ଷା ସଚେତନତା

ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ସମ୍ପର୍କରେ ଚଳିତମାସ ୧୮ରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ

ଆୟୋଜିତ ବୈଠକରେ ଆସନ୍ତା ଅକ୍ଟୋବର ୧୮ରୁ କଳିଙ୍ଗ ଷ୍ଟାଡିୟମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ରଥର ଶୁଭାରମ୍ଭ କରିବେ ।

Desk

# ପୁଲିସ ବୃତ୍ତିଗତ ପ୍ରତିଯୋଗିତା

ଓଡ଼ିଶା ପୁଲିସର କ୍ରାଇମ୍‌ବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ଆଜିଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଆରମ୍ଭ ହୋଇଛି। ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଏହାର ଶୁଭାରମ୍ଭ କରି କହିଛନ୍ତି, ଅପରାଧ ନିୟନ୍ତ୍ରଣ ପଦ୍ଧତି ସମ୍ପର୍କରେ ଏଥିରେ ପ୍ରଶିକ୍ଷଣ ଦିଆଯିବ। ଏହି ବୃତ୍ତିଗତ ପ୍ରତିଯୋଗିତା ପୁଲିସର ଦକ୍ଷତା ବଢ଼ାଇବାରେ ସାହାଯ୍ୟ କରିବ।

ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନରୁ ୨୪୩ଜଣ ପୁଲିସ କର୍ମଚାରୀ, ୪୩ଟି ପୁଲିସ କୁକୁର ଓ ହ୍ୟାଣ୍ଡଲର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ତଦନ୍ତ, ଫରେନସିକ୍, ସାଇବର କ୍ରାଇମ୍ ଓ ଟେକ୍ନିକାଲ ସର୍ଭିଲାନ୍ସ ବିଭାଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଯେଉଁମାନେ କୃତୀତ୍ୱ ଅର୍ଜନ କରିବେ ସେମାନେ ଆସନ୍ତା ନଭେମ୍ବର ମାସରେ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

Desk

# ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତ୍ୟେକ ବର୍ଷ ଆଜିର ଦିନରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଚଳିତବର୍ଷର ବାର୍ତ୍ତା ରହିଛି 'ଉତ୍ତମ ଖାଦ୍ୟ ଏବଂ ଉନ୍ନତ ଭବିଷ୍ୟତ ପାଇଁ ସହଯୋଗର ହାତ ବଢ଼ାଇବା'। ୧୯୪୫ ମସିହା ଆଜିର ଦିନରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଖାଦ୍ୟ ନିରାପତ୍ତା ସହ କୃଷି କ୍ଷେତ୍ରରେ ନିରନ୍ତର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ୨୦୩୦ ମସିହା ସୁଦ୍ଧା ବିଶ୍ୱରେ କେହି ଯେଭଳି କ୍ଷୁଧାରେ ନରହିବେ ସେହି ଲକ୍ଷ୍ୟ ପୂରଣ ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଖାଦ୍ୟ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ସରକାର ରାଜ୍ୟରେ ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ସୁନିଶ୍ଚିତ କରିବା ଏବଂ କୁପୋଷଣକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ସଂକଳ୍ପବଦ୍ଧ ଅଛନ୍ତି। ଆଜିର ଦିନରେ ଖାଦ୍ୟ ନଷ୍ଟ ନ କରିବାକୁ ସଂକଳ୍ପ ନେଇ ଏକ ସୁସ୍ଥ ତଥା ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସକ୍ରିୟ ସହଯୋଗ ପ୍ରଦାନ କରିବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ  କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ସରକାର ଜୀବିକା ଓ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବାରେ ପରିବର୍ତ୍ତନମୂଳକ ପଦକ୍ଷେପ ନେଉଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଖାଦ୍ୟଶସ୍ୟର ସମ୍ମାନ କରିବା ଏବଂ ଏହାର ଅପଚୟକୁ ରୋକିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ।

Ganjam

## ତାଲିମ ଶିବିର

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠରେ ଗଣିତ ଓ ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ପର୍ଯ୍ୟାୟକ୍ରମିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ପରିଚାଳିତ ଏହି ଶିବିରରେ ଅତିଥିମାନେ ଯୋଗଦେଇ ବିଜ୍ଞାନ ଶିକ୍ଷକମାନେ ନୂତନ ବୈଜ୍ଞାନିକ ଚିନ୍ତାଧାରା ନେଇ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

BHK

## ନିଶାମୁକ୍ତ ଅଭିଯାନ

ଭଦ୍ରକ ଜିଲ୍ଲା ନିଶା ନିବାରକ ସର୍ବୋଦୟ ମଣ୍ଡଳ ଓ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ନିଶାସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିବ।

Jajpur

## ପ୍ରଶିକ୍ଷଣ ଶିବିର

ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ନିଷେଧ ଅଧିନିୟମ-୧୯୬୧ ସମ୍ପର୍କରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୌତୁକ ନିର୍ଯାତନା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ।

Jajpur

## ବିଶ୍ୱ ମାନସିକ ଦିବସ

ଯାଜପୁର ଜିଲ୍ଲା ରଗଡ଼ି ଉପକାରାଗାରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ମନସ୍ତାତ୍ତ୍ୱିକ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ମାନସିକ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମାନସିକ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଏକାନ୍ତ ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

Desk

# ୱାର୍ଲ୍ଡ ସ୍ପାଇନ୍ ଡେ

ମେରୁଦଣ୍ଡ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ମେରୁଦଣ୍ଡ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି ସୁସ୍ଥ ଭବିଷ୍ୟତ ପାଇଁ ମେରୁଦଣ୍ଡକୁ ସୁରକ୍ଷିତ ରଖନ୍ତୁ । ମେରୁଦଣ୍ଡ ସଂକ୍ରାନ୍ତ ରୋଗ ଏବଂ ଅକ୍ଷମତାକୁ ପ୍ରତିହତ କରିବା ପାଇଁ ଏହି ପ୍ରସଙ୍ଗ ଆଲୋକପାତ କରୁଛି । ଆମ ଦୈନନ୍ଦିନ ଜୀବନଶୈଳୀରେ ମେରୁଦଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଶାରିରୀକ ଅକ୍ଷମତାର ଏକ ପ୍ରମୁଖ କାରଣ ହେଉଛି ମେରୁଦଣ୍ଡ ଯନ୍ତ୍ରଣା । ବୟସ ଏବଂ ପାରିବାରିକ ପୃଷ୍ଠଭୂମି ଦ୍ୱାରା ମେରୁଦଣ୍ଡ ଯନ୍ତ୍ରଣାରେ ଲୋକ ପ୍ରଭାବିତ ହୁଅନ୍ତି । ୨୦୨୦ ମସିହାରେ ୬୧୯ ନିୟୁତ ଲୋକ ନିମ୍ନ ପିଠି ଯନ୍ତ୍ରଣା (ଏଲ୍‌ବିପି)ରେ ପୀଡିତ ହୋଇଥିବା ଏକ ଆକଳନରୁ ଜଣାପଡିଥିଲା । ତେବେ ଆସନ୍ତା ୨୦୫୦ ମସିହା ସୁଦ୍ଧା ଏହି ସଂଖ୍ୟା ୮୪୩ ନିୟୁତକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ସଚେତନତା ଏବଂ ସୁସ୍ଥ ଅଭ୍ୟାସ ମାଧ୍ୟମରେ ଏହି ସମସ୍ୟାକୁ ପ୍ରତିହତ କରାଯାଇପାରିବ ।

MET

# ପାଣିପାଗ

ଦେଶରୁ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାବର୍ତ୍ତନ କରିଛି। ସମାନ ସମୟ ମଧ୍ୟରେ ତାମିଲନାଡୁ, ଉପକୂଳ ଆନ୍ଧ୍ରପ୍ରଦେଶ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଏବଂ କେରଳର ମାହେରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟାରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।